# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14th March - 2024**

**News Editor : *Tapan Kumar Maharana***

***********************************

## ମୁଖ୍ୟ ସମ୍ବାଦ

- ‘ଏକ ଦେଶ, ଏକ ନିର୍ବାଚନ’ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି’ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କଲେ ରିପୋର୍ଟ ।

— ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ବିଧାନସଭା; ଦ୍ୱିତୀୟ ପର୍ଯ୍ୟାୟରେ ପଞ୍ଚାୟତ ଏବଂ ପୌରପରିଷଦ ନିର୍ବାଚନ କରିବା ପାଇଁ କରିଛନ୍ତି ସୁପାରିଶ ।

- ଆଇ.ଏନ୍.ଏସ୍. ଚିଲିକାରେ ଅଗ୍ନିବୀରଙ୍କ ପାସିଙ୍ଗ୍ ଆଉଟ୍ ପରେଡ୍‌ରେ ଆସନ୍ତାକାଲି ଯୋଗଦେବେ ନୌସେନା ମୁଖ୍ୟ ।
- ୪ଟି ବର୍ଗର ଶ୍ରମିକଙ୍କର ମଜୁରୀ ବୃଦ୍ଧି କଲେ ରାଜ୍ୟ ସରକାର ।

ଏବଂ

- କିଡ୍‌ନୀ ସ୍ୱାସ୍ଥ୍ୟ ଏବଂ ଏହାର ଯତ୍ନର ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ କିଡ୍‌ନୀ ଦିବସ ।

# ଏକଦେଶ, ଏକ ନିର୍ବାଚନ କମିଟି ରିପୋର୍ଟ

'ଏକ ଦେଶ, ଏକ ନିର୍ବାଚନ' ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି। ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ପରେ ଏହି ଉଚ୍ଚସ୍ତରୀୟ କମିଟି ୧୮ ହଜାର ୬୨୬ ପୃଷ୍ଠା ସମ୍ବଳିତ ରିପୋର୍ଟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସ ୨ ତାରିଖରେ 'ଏକ ଦେଶ, ଏକ ନିର୍ବାଚନ' କରିବା ଲାଗି ପୂର୍ବତନ ରାଷ୍ଟ୍ରପତି ଶ୍ରୀ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ସୂଚନା ଅନୁସାରେ, ୧୯୧ ଦିନର ଅବଧି ସମୟରେ ଏହି ଉଚ୍ଚସ୍ତରୀୟ କମିଟି ବିଭିନ୍ନ ଅଂଶୀଦାର ଦଳଙ୍କ ସହ 'ଏକ ଦେଶ, ଏକ ନିର୍ବାଚନ' ସମ୍ବନ୍ଧରେ ଆଲୋଚନା କରିଥିଲେ। ୪୭ଟି ରାଜନୈତିକ ଦଳ 'ଏକ ଦେଶ, ଏକ ନିର୍ବାଚନ' ପାଇଁ ସେମାନଙ୍କର ମତାମତ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୨ଟି ରାଜନୈତିକ ଦଳ 'ଏକ ଦେଶ, ଏକ ନିର୍ବାଚନ' ସପକ୍ଷରେ ମତ ଦେଇଥିବା ଜଣାପଡ଼ିଛି। ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରୁ ୨୧ ହଜାର ୫୫୮ଟି ମତାମତ ସଂଗୃହୀତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ 'ଏକ ଦେଶ, ଏକ ନିର୍ବାଚନ' ସପକ୍ଷରେ ମତ ଦେଇଥିଲେ। ତଥ୍ୟ ଆଧାରରେ 'ଏକ ଦେଶ, ଏକ ନିର୍ବାଚନ' ଗଠିତ ଉଚ୍ଚସ୍ତରୀୟ କମିଟି ଦେଶରେ ଦୁଇ ସ୍ତରୀୟ ନିର୍ବାଚନ ପାଇଁ ରିପୋର୍ଟରେ

ଉଲ୍ଲେଖ କରିଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ କରାଯିବା ପାଇଁ କମିଟି ସୁପାରିସ କରିଥିବାବେଳେ ଦ୍ୱିତୀୟରେ ପଞ୍ଚାୟତ ଏବଂ ପୌର ପରିଷଦ ନିର୍ବାଚନ କରିବା ପାଇଁ ମତ ରଖିଛନ୍ତି। ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ଶେଷ ହେବାର ୧୦୦ ଦିନ ଭିତରେ ପଞ୍ଚାୟତ ଏବଂ ପୌରପରିଷଦ ନିର୍ବାଚନ କରାଇବା ପାଇଁ ଉଚ୍ଚସ୍ତରୀୟ କମିଟି ସୁପାରିସ କରିଛି।

***Desk***

# ପି.ଏମ୍. - ସ୍ୱନିଧି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମଠାରେ ପି.ଏମ୍. ସ୍ୱନିଧି ଯୋଜନାର ହିତାଧିକାରୀମାନଙ୍କୁ ସମ୍ବୋଧନ କରି କହିଛନ୍ତି, ଉଠାଦୋକାନୀମାନଙ୍କପାଇଁ ଏହି ଯୋଜନା ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଏହି ଅବସରରେ ୧ ଲକ୍ଷ ଉଠାଦୋକାନୀଙ୍କୁ ଋଣ ପ୍ରଦାନ କରାଯାଇଛି । ସମାଜର ଅବହେଳିତ ବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ୨୦୨୦ ମସିହା ଜୁନ୍ ପହିଲାରେ କେନ୍ଦ୍ର ସରକାର ପି.ଏମ୍. ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ । ବର୍ତ୍ତମାନ ସୁଦ୍ଧା ପି.ଏମ୍. ସ୍ୱନିଧି ଯୋଜନାରେ ଦେଶର ୬୨ ଲକ୍ଷ ଉଠାଦୋକାନୀଙ୍କୁ ୧୦ ହଜାର ୯୭୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି ।

*GNR*

## ଅଗ୍ନିବୀର - ପାସିଙ୍ଗ୍ ଆଉଟ୍ ପରେଡ୍

ଆଇ.ଏନ୍.ଏସ୍. ଚିଲିକାରେ ଆସନ୍ତାକାଲି ତୃତୀୟ ବ୍ୟାଚ୍ ଅଗ୍ନିବୀରମାନଙ୍କର ପାସିଙ୍ଗ୍ ଆଉଟ୍ ପରେଡ୍ ଅନୁଷ୍ଠିତ ହେବ । ମହିଳା ଅଗ୍ନିବୀରଙ୍କ ସମେତ ପ୍ରାୟ ୨ ହଜାର ୬୦୦ ଅଗ୍ନିବୀର ଏହି ପରେଡ୍‌ରେ ଅଂଶଗ୍ରହଣ କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁସାରେ ଏହି ଅଗ୍ନିବୀରମାନେ ସେମାନଙ୍କର ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଛନ୍ତି । ସମାରୋହରେ ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଆର୍. ହରିକୁମାର ମୁଖ୍ୟ ଅତିଥି ରୂପେ ଯୋଗଦେବେ । ଅଗ୍ନିବୀରମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଆସନ୍ତାକାଲିର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

*CMO*

## ଶ୍ରମିକ ମଜୁରି ବୃଦ୍ଧି

ରାଜ୍ୟ ସରକାର ୪ଟି ବର୍ଗରେ ଶ୍ରମିକଙ୍କ ମଜୁରୀ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତ୍ୟନ୍ତ କୁଶଳୀ ଶ୍ରମିକମାନଙ୍କର ମଜୁରୀ ବୃଦ୍ଧି କରାଯାଇଛି। ଅଣକୁଶଳୀ ଶ୍ରମିକମାନଙ୍କର ମଜୁରୀ ୩୫୨ ଟଙ୍କାରୁ ୪୫୦

ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରୀ ୩୯୨ ଟଙ୍କାରୁ ୫୦୦ ଟଙ୍କା କୁଶଳୀ ଶ୍ରମିକମାନଙ୍କ ମଜୁରୀ ୪୪୨ ଟଙ୍କାରୁ ୫୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅତ୍ୟନ୍ତ କୁଶଳୀ ଶ୍ରମିକ ମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଉଛି। ସରକାରଙ୍କର ଏହି ନିଷ୍ପତ୍ତି ଯୋଗୁଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ଲାଭ ପାଇବେ ବୋଲି କୁହାଯାଇଛି।

*Desk*

## ରାଜ୍ୟ ମହଙ୍ଗାଭତ୍ତା ବୃଦ୍ଧି

ରାଜ୍ୟ ସରକାର ସରକାରୀ କର୍ମଚାରୀ ଓ ପେନସନ୍‌ଭୋଗୀଙ୍କ ୪ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ଭତ୍ତା ପିଛିଲା ଭାବେ ଜାନୁଆରୀ ମାସ ପହିଲାରୁ ଲାଗୁ ହେବ। ବର୍ଦ୍ଧିତ ମହଙ୍ଗା ଭତ୍ତା ଯୋଗୁଁ ରାଜ୍ୟର ପ୍ରାୟ ସାଢ଼େ ୪ ଲକ୍ଷ ସରକାରୀ କର୍ମଚାରୀ ଏବଂ ସାଢ଼େ ୩ ଲକ୍ଷ ପେନସନ୍‌ଭୋଗୀ ଉପକୃତ ହେବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

*Malkangiri/R*

## ଶିକ୍ଷାସୌଧ ଉଦ୍‌ଘାଟନ - ମାଲକାନଗିରି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ଏକ ଅତ୍ୟାଧୁନିକ ଶିକ୍ଷାସୌଧ ଉଦ୍‌ଘାଟନ କରିଛନ୍ତି । ୭ ଏକର ପରିମିତ ଜମିରେ ନିର୍ମାଣ କରାଯାଇଥିବା ଏହି ଶିକ୍ଷାସୌଧ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏଠାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ସ୍ଥାନରେ ଶିକ୍ଷାଲାଭ କରିପାରିବେ । ସ୍ୱାଭିମାନ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପ୍ରସ୍ତୁତିପାଇଁ ଏଠାରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, କମ୍ପ୍ୟୁଟର୍ ଲ୍ୟାବ୍, ସ୍ମାର୍ଟ ଲର୍ଣ୍ଣିଂ ସେଣ୍ଟର, ବିଜ୍ଞାନ ପରୀକ୍ଷାଗାର, ଏବଂ ୨୦୦ ଶଯ୍ୟାବିଶିଷ୍ଟ ଛାତ୍ରାବାସ ଓ ୫୦୦ ଶଯ୍ୟାବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ କରାଯାଇଛି ।

*CMO*

## ଇ-ଗଭର୍ଣ୍ଣାନ୍ସ, ଓଡ଼ିଶା

ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଓଡ଼ିଶା ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଓକାକ୍, ଓଡ଼ିଶାଦ୍ୱାରା ବିକଶିତ 'ଅନ୍‌ଲାଇନ୍ ପ୍ରୋତ୍ସାହନ ରାଶି ପରିଚାଳନା ବ୍ୟବସ୍ଥା'ର ଉଦ୍‌ଘାଟନ

କରିଛନ୍ତି । ଏହି ଅନ୍‌ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଉଦ୍ୟୋଗୀମାନେ ରାଜ୍ୟର ସୂଚନା ପ୍ରଯୁକ୍ତି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବି.ପି.ଓ. ଏବଂ ସେମିକଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ମଞ୍ଜୁରି ମିଳିଥିବା ପ୍ରୋତ୍ସାହନ ରାଶି ପାଇବାପାଇଁ ଆବେଦନ କରିପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୈଷୟିକ ଜ୍ଞାନକୌଶଳ ଆଧାରିତ ନୂତନ ବ୍ୟବସ୍ଥା ଶାସନ ପ୍ରକ୍ରିୟାକୁ ଅଧିକ ସୁଗମ, ସ୍ୱଚ୍ଛ, ଏବଂ ଉପଭୋକ୍ତା ଅନୁକୂଳ କରିପାରିବ ।

***CMO***

## ସ୍କଚ୍ ଆୱାର୍ଡ଼ - ସେମିଫାଇନାଲ୍

ସମ୍ମାନଜନକ ସ୍କଚ୍ ଆୱାର୍ଡ଼-୨୦୨୩ର ସେମିଫାଇନାଲ୍‌କୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା’ ଉନ୍ନୀତ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ କହିଛି, ଏହା ରାଜ୍ୟବାସୀଙ୍କପାଇଁ ଗୌରବର ବିଷୟ ।

***Khurda/R***

## ରେଳବାଇ - ମାଲ ପରିବହନ

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ୩୪୭ ଦିନରେ ୧୫୦ ମିଲିୟନ୍ ଟନ୍ ମାଲ୍ ପରିବହନ ଉପଲବ୍ଧି ହାସଲ କରିଛି । ଗତ

ଆର୍ଥିକ ବର୍ଷ ତୁଳନାରେ ଏହି ସମୟର ୯ ଦିନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

*Sonepur, Deogarh, Boudh/R*

# ନିର୍ବାଚନ ତାଲିମ୍ ଶିବିର

ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛ କରିବା ପାଇଁ ନିର୍ବାଚନ କମିଶନ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ୍ ଦିଆଯାଉଛି । ପଶ୍ଚିମ ଓଡ଼ିଶାର ବୌଦ୍ଧ ଏବଂ ଦେବଗଡ଼ ଜିଲ୍ଲାରେ ପୁଲିଙ୍ଗ୍ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ଆଜି ପ୍ରଶିକ୍ଷଣ ଦେବା କାର୍ଯ୍ୟ ଆରମ୍ଭ ହୋଇଛି । ଦେବଗଡ଼ ସହରର ଦେବଗଡ଼ ମହାବିଦ୍ୟାଳୟଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

ସେହିଭଳି ବୌଦ୍ଧ ସର୍ବଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ନିର୍ବାଚନ ପରିଚାଳନା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତଦାନ ପ୍ରକ୍ରିୟାରେ ସି-ଭିଜିଲ୍ ଆପ୍ଲିକେସନର ସଠିକ୍ ବ୍ୟବହାର ନେଇ ତାଲିମ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର ବିଧାନସଭା ନିର୍ବାଚନ ମଣ୍ଡଳିପାଇଁ ୩ଟି ବ୍ୟବସ୍ଥିତି କେନ୍ଦ୍ରରେ ପ୍ରଶିକ୍ଷଣ ଚାଲିଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ଶିବର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

***Desk***

# ବିଶ୍ୱ କିଡ୍‌ନୀ ଦିବସ

କିଡ୍‌ନୀ ସ୍ୱାସ୍ଥ୍ୟ ଓ ଏହାର ଯତ୍ନର ବାର୍ତ୍ତା ନେଇ ଆଜି ସାରା ବିଶ୍ୱରେ କିଡ୍‌ନୀ ଦିବସ ପାଳନ କରାଯାଉଛି । କିଡ୍‌ନୀର ସ୍ୱାସ୍ଥ୍ୟ ଏବଂ ଏହାର ସ୍ୱାଭାବିକ କାର୍ଯ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସର ଦ୍ୱିତୀୟ ଗୁରୁବାର ଦିନ ଏହି ଦିବସ ପାଳନ କରାଯାଇଥାଏ । କିଡ୍‌ନୀ ଜନିତ ରୋଗରେ ରୋଗୀଙ୍କ ଗୋଡ଼ ଫୁଲିବା, ଉଚ୍ଚ ରକ୍ତଚାପ, କମ୍ ହିମୋଗ୍ଲୋବିନ୍ ଏବଂ ହାଡ଼ ଦୁର୍ବଳ ହେବା ଭଳି ଲକ୍ଷଣ ଦେଖାଦେଇଥାଏ । କିଡ୍‌ନୀ ରୋଗରୁ ରକ୍ଷା ପାଇବା ପାଇଁ ନିୟମିତ ଶାରୀରିକ ବ୍ୟାୟାମ, ସନ୍ତୁଳିତ ଆହାର, ଓଜନ ନିୟନ୍ତ୍ରଣ ଏବଂ କମ୍ ଲୁଣ ସେବନ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ ।

ସୂଚନା ଅନୁସାରେ, ଭାରତରେ ପ୍ରାୟ ୧୦ ପ୍ରତିଶତ ଲୋକ କିଡ୍‌ନୀଜନିତ ରୋଗର ବିଭିନ୍ନ ଲକ୍ଷଣରେ ଆକ୍ରାନ୍ତ ହୋଇଥା'ନ୍ତି । ସେହିଭଳି ପ୍ରାୟ ୧ ଲକ୍ଷ ଲୋକଙ୍କ କିଡ୍‌ନୀ ନଷ୍ଟ ହେବା ଯୋଗୁଁ ମୃତ୍ୟୁ ଘଟିଥାଏ । ବିଭିନ୍ନ ସୂତ୍ରରୁ ମିଳିଥିବା ଖବର ଅନୁସାରେ ପୃଥିବୀରେ ପ୍ରାୟ ୧୭ ଲକ୍ଷ

ଲୋକ ବାର୍ଷିକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁର ଶିକାର ହୋଇଥା'ନ୍ତି ।

*****